# ଆଉ କିଏ ଖୋଳୁଛି ପୁଣ୍ୟ ପାଇଁ ପୋଖରୀ ?



ରେଙ୍ଗାଲିରୁ **ହରିହର ନାଥ**

ପୋଖରୀ, କୂପ ଓ ଜଳାଶୟ ଖନନ ଏକ ଧର୍ମୀୟ କାର୍ଯ୍ୟ ରୂପେ ବହୁ ପ୍ରାଚୀନ କାଳରୁ ବିବେଚିତ ହେଉଥିଲା । ଋକବେଦରେ ପୋଖରୀ ଖନନ ସାମାଜିକ, ସାଂସ୍କୃତିକ କାର୍ଯ୍ୟ ବୋଲି ବର୍ଣ୍ଣନା କରାଯାଇଛି । ପୋଖରୀ, କୂପ,ନାଳ ଆଦି ପାରମ୍ପରିକ ଜଳାଧାର ଖନନ ପ୍ରାଚୀନ ପରମ୍ପରା । ପଶ୍ଚିମ ଓଡିଶାରେ ଶାସନ କ୍ଷମତାରେ ଥିବା ରାଜା ମହାରାଜା, ଜମିଦାର, ଗୌନ୍ତିଆ ଜଳାଶୟ ଓ ପୋଖରୀ ଖନନରେ ଗୁରୁତ୍ୱ ଦେଉଥିଲେ। ଏହାକୁ ମହତ୍ କାର୍ଯ୍ୟ ରୂପେ ବିବେଚନା କରାଯାଇ ଏଥିପାଇଁ ପ୍ରୋତ୍ସାହନ ମଧ୍ୟ ଦିଆଯାଉଥିଲା । ଚାଣକ୍ୟଙ୍କ ଅର୍ଥଶାସ୍ତ୍ରରେ ଉଲ୍ଲେଖ ଅଛି ଯେ ତୃତୀୟ ଶତାବ୍ଦୀରେ ପୋଖରୀ ଓ ଜଳାଶୟ ନିର୍ମାଣ କରୁଥିବା ଚାଷୀମାନଙ୍କୁ ୫ ବର୍ଷର କର ରିହାତି ଦିଆଯାଉଥିଲା । ଏପରିକି ପୋଖରୀ ଖନନ ପାଇଁ ଉତ୍ସାହୀ ବ୍ୟକ୍ତିଙ୍କୁ କର ରିହାତି ସହିତ ଜମିର ସ୍ୱତ୍ୱ ପ୍ରଦାନ କରି ଜଳଭଣ୍ଡାର ନିର୍ମାଣ ପାଇଁ ରାଜା ଜମିଦାରମାନେ ପ୍ରୋତ୍ସାହନ ଦେଉଥିଲେ । ପଶ୍ଚିମ ଓଡିଶାରେ ଚୌହାନ ବଂଶର ଓ ଗଣ୍ଡ ବଂଶର ରାଜା ଜମିଦାର ଅମଳରେ ପୋଖରୀ ଖନନ ପାଇଁ ବେଶି ପ୍ରୋତ୍ସାହନ ଦିଆଯାଉଥିଲା । ସେତେବେଳେ ପ୍ରାୟ ପ୍ରତ୍ୟେକ ଗାଁରେ ବହୁସଂଖ୍ୟକ ଚାଷୀଙ୍କ ନିଜସ୍ୱ ପୋଖରୀଥିଲା । ପୋଖରୀ ଖୋଳାଇଥିବା ବ୍ୟକ୍ତି ତତ୍କାଳୀନ ସମାଜରେ ପ୍ରତିଷ୍ଠିତ ବ୍ୟକ୍ତି ରୂପେ ବିବେଚିତ ହେଉଥିଲେ ।

ରାଜାରାଜୁଡା ଓ ଜମିଦାରଙ୍କ ପରେ ଇଂରେଜ ଶାସନ କାଳରେ ପୋଖରୀ ଓ ଜଳଭଣ୍ଡାର ଖନନ ପାଇଁ ଆଦୌ ପ୍ରୋତ୍ସାହନ ଦିଆଗଲା ନାହିଁ । ଏଥିପାଇଁ ଖଜଣା ଲାଗୁ କରାଗଲା, ଯାହା ଫଳରେ ଚାଷୀମାନେ ନୂତନ ପୋଖରୀ ଖନନ କିମ୍ବା ପୁନରୁଦ୍ଧାର ପାଇଁ ଇଚ୍ଛାପ୍ରକାଶ କଲେନାହିଁ । ୧୯୫୪/୫୫ ମସିହାରେ ସରକାର ଏକ ଆଇନ ପ୍ରଣୟନ କରି ପୋଖରୀ ଓ ନାଳ ଆଦି ପାରମ୍ପରିକ ଜଳାଶୟଗୁଡିକୁ ସରକାରୀ ସମ୍ପତ୍ତି ରୂପେ ଘୋଷଣା କଲେ । ଏହି ଆଇନ କାର୍ଯ୍ୟକାରୀ ହେବାପରେ ଜଳାଶୟଗୁଡିକର ସତେ ଯେମିତି ଶୁଷ୍କ ପ୍ରକ୍ରିୟା ଆରମ୍ଭ ହୋଇଗଲା । ପୂର୍ବରୁ ଯାହା ସର୍ବସାଧାରଣ ତଥା ଗ୍ରାମବାସୀଙ୍କ ସମ୍ପତ୍ତି ଥିଲା, ସରକାରୀ ହୋଇଗଲାପରେ ସେଗୁଡିକର ପୁନରୁଦ୍ଧାର, ରକ୍ଷଣାବେକ୍ଷଣ ଆଦି ପ୍ରତି ଆଗ୍ରହ କମିବାରେ ଲାଗିଲା । ଯାହା ଫଳରେ ପାରମ୍ପରିକ ଜଳଭଣ୍ଡାରଗୁଡିକ କ୍ରମଶଃ ପୋତି ହେବାର ପ୍ରକ୍ରିୟା ଆରମ୍ଭ ହୋଇଗଲା । ଜଳଯୋଜନା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ ହୋଇସାରିଲାଣି, କିନ୍ତୁ ପାରମ୍ପରିକ ଜଳଭଣ୍ଡାରଗୁଡିକର ଅବସ୍ଥା ଦୟନୀୟ ସ୍ଥିତିରେ ଅଛି । ପାରମ୍ପରିକ ଜଳଭଣ୍ଡାର ପଶ୍ଚିମ ଓଡିଶାର ଏକ ମୁଖ୍ୟ ସଂପଦ । ଏହାର ଉନ୍ନତି ସାଧନ ବିନା ଓ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ଅସମ୍ଭବ । କିଛି ବର୍ଷ ହେଲା ସ୍ୱଳ୍ପ ବୃଷ୍ଟିପାତ, ଅନିୟମିତ ବର୍ଷା ଏବଂ କ୍ରମାଗତ ମରୁଡି ସ୍ଥିତି ଚାଷୀମାନଙ୍କ ଆର୍ଥିକ ମାନଦଣ୍ଡକୁ ଦୋହଲାଇ ଦେଉଛି । ସାଂପ୍ରତିକ ସ୍ଥିତିରେ ପାରମ୍ପାରିକ ଜଳଭଣ୍ଡାରଗୁଡିକର ସ୍ଥିତି ଯଦି ଭଲ ଥାଆନ୍ତା, ତା ହେଲେ ଏହା ମରୁଡି ନିରାକରଣର ଏକ ମୁଖ୍ୟ ସହାୟକ ହୋଇ ପାରିଥାନ୍ତା ବୋଲି ଚର୍ଚ୍ଚା ହେଉଛି । ରାଜ୍ୟ ସରକାର କିଛି ବର୍ଷ ତଳେ ଆଦର୍ଶ ପୁଷ୍କରିଣୀ, ମହାବନ୍ଧ ଆଦି ଯୋଜନା ମାଧ୍ୟମରେ ପାରମ୍ପରିକ ଜଳଭଣ୍ଡାରର ଉନ୍ନତି ପାଇଁ ପଦକ୍ଷେପ ନେଇଥିଲେ ମଧ୍ୟ ତ୍ରୁଟିପୂର୍ଣ୍ଣ କ୍ରିୟାନ୍ୱୟନ ତଥା ପରିଯୋଜନା ପ୍ରସ୍ତୁତିରେ ଦୂରଦର୍ଶିତାର ଅଭାବ ଯୋଗୁଁ ଏହି ଯୋଜନା ବିଫଳ ହେଉଛି। କ୍ରମାଗତ ସରକାରୀ ଅବହେଳା ଏବଂ ପାରମ୍ପରିକ ଜଳଭଣ୍ଡାର ନିର୍ମାଣ ପାଇଁ ପ୍ରୋତ୍ସାହନର ଅଭାବ ଯୋଗୁଁ ପୁଷ୍କରିଣୀ ପରମ୍ପରା ସ୍ମୃତିର ଗର୍ଭରେ ବିଲୀନ ହେବାରେ ଲାଗିଛି । ଅପରପକ୍ଷରେ ଜଳସେଚନ ପାଇଁ ଯେତେ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ଯୋଜନା ସ୍ୱାଧୀନତାର ପରବର୍ତ୍ତୀ କାଳରେ କାର୍ଯ୍ୟକାରୀ ହୋଇଛି, ଉକ୍ତ ଯୋଜନା ଦ୍ୱାରା ମରୁଡି ସମସ୍ୟାର ନିରାକରଣ ଆଶାନୁରୂପ ଭାବରେ ହୋଇପାରି ନଥିବାର ଲକ୍ଷ୍ୟ କରାଯାଉଛି । ବୃହତ୍ ଯୋଜନା ଦ୍ୱାରା ବିସ୍ଥାପନ, ଜଙ୍ଗଲଧ୍ୱଂସ ପରିବେଶ କ୍ଷୟ ଆଦି ସମସ୍ୟା ମୁଣ୍ଡ ଟେକିଛି । ଏହି ପରିପ୍ରେକ୍ଷୀରେ ପାରମ୍ପରିକ ଜଳଭଣ୍ଡାରଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ, ସଂରକ୍ଷଣ, ପୁନରୁଦ୍ଧାର କରାଗଲେ ଏହା ମରୁଡିର ପ୍ରତିକାରରେ ସହାୟକ ହେବା ସହିତ ଖାଦ୍ୟ ନିରାପତ୍ତା ରକ୍ଷା କରିପାରିବ ବୋଲି ବହୁ ବିଶେଷଜ୍ଞଙ୍କ ମତ । ପଶ୍ଚିମ ଓଡିଶାର ପ୍ରତ୍ୟେକ ଗାଁରେ ବହୁସଂଖ୍ୟାରେ ପାରମ୍ପରିକ ଜଳଭଣ୍ଡାର ରହିଛି । ସଂପ୍ରତି ବର୍ଷାଧିକ କାଳ ହେଲା ଦେଖିବାକୁ ମିଳୁଥିବା ଜଳ ସଂକଟର ରକ୍ଷା ପାଇବାକୁ ହେଲେ ଏ ସବୁ ପ୍ରାଚୀନ ଜଳଉତ୍ସର ଉନ୍ନତିକରଣ ପାଇଁ ଦୃଷ୍ଟାନ୍ତମୂଳକ ଯୋଜନା କାର୍ଯ୍ୟକାରୀ କରାଯିବା ଉଚିତ ବୋଲି ଓଡିଶା ଜଳଜୀବନ ଅଭିଯାନର ମୁଖ୍ୟ ରଞ୍ଜନ ପଣ୍ଡା ମତ ଦିଅନ୍ତି । ଏହି ପାରମ୍ପରିକ ଜଳଭଣ୍ଡାରଗୁଡିକ ଯୁଗ ଯୁଗ ଧରି ଗୋରୁ, ପଶୁପକ୍ଷୀ, ମଣିଷ ଆଦି ସମସ୍ତଙ୍କୁ ଜଳଦାନ କରିବା ସହିତ ସଂପୃକ୍ତ ଅଂଚଳର କୃଷି ବ୍ୟବସ୍ଥାକୁ ଉନ୍ନତ କରିବାରେ ସହାୟକ ହୋଇ ପରିବେଶକୁ ମଧ୍ୟ ବଂଚାଇ ରଖିବାରେ ଗୁରୁତ୍ୱ ଭୂମିକାବହନ କରୁଥିଲା ବୋଲି ଶ୍ରୀ ପଣ୍ଡା ମତବ୍ୟକ୍ତ କରି ଏ ସବୁର ପୁନରୁଦ୍ଧାର ଏକାନ୍ତ ଜରୁରୀ ବୋଲି ମତ ଦିଅନ୍ତି । ବର୍ଷା ଜଳକୁ ସଂରକ୍ଷଣ କରି ରଖିବାର ଏହି ପ୍ରାଚୀନ ପରମ୍ପରାର ଦ୍ରୁତ ଅବକ୍ଷୟ ଯୋଗୁଁ ପଶ୍ଚିମ ଓଡିଶା ନିୟମିତ ବ୍ୟବଧାନରେ ମରୁଡି ଆକ୍ରାନ୍ତ ହେବାରେ ଲାଗିଛି । ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ପୋଖରୀ ସଂସ୍କୃତି ପ୍ରତି ଅବହେଳା ଏବଂ ଅବିଚାର କରାଯାଉଥିବା ଯୋଗୁଁ ପରିସ୍ଥିତି ସଂକଟାପନ୍ନ ହେବାରେ ଲାଗିଛି । ସହରାଂଚଳରେ ପୋଖରୀଗୁଡିକର ଅବସ୍ଥା ସବୁଠାରୁ ବେଶି ଦୟନୀୟ । ରାଜାରାଜୁଡା ଶାସନ କାଳରେ ଏହାକୁ ଧର୍ମକାର୍ଯ୍ୟ ବୋଲି ବିବେଚନା କରାଯାଇ ପୁଣ୍ୟ ଅର୍ଜନ ନିମନ୍ତେ ପୋଖରୀ



ଖନନ କରାଯାଇ ବର୍ଷକୁ ବର୍ଷ ପଙ୍କୋଦ୍ଧାର କରାଯାଇ ରକ୍ଷଣାବେକ୍ଷଣ କରାଯାଉଥିଲା । ଏବେ ଯୁଗ ବଦଳି ଗଲାପରେ ପୋଖରୀ ସଂସ୍କୃତି ବିଲୁପ୍ତ ହେବାରେ ଲାଗିଛି । ସରକାର ଏ ଦିଗରେ ଧ୍ୟାନ ଦେଇ ଯୁଦ୍ଧକାଳୀନ ଭିତ୍ତିରେ ପାରମ୍ପରିକ ଜଳଉତ୍ସର ସୁରକ୍ଷା ନ କଲେ କିଛି ବର୍ଷ ପରେ ଏସବୁ ଲୋପ ପାଇଯିବ। ❑